# D.A.V. PUBLIC SCHOOLS, POKHARIPUT, BBSR

**TERM - 1 (2020-2021)**

**CLASS – VII SUBJECT – HIGHER ODIA**

**TIME- 90 MINUTES SET -B Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

ପ୍ରଶ୍ନପତ୍ରରେ 'କ' ଓ 'ଖ' ନାମରେ ଦୁଇଟି ବିଭାଗ ଅଛି ।

ଏହି ପ୍ରଶ୍ନପତ୍ରରେ ସର୍ବମୋଟ ୪୦ଟି ପ୍ରଶ୍ନ ଅଛି ।

ପ୍ରତ୍ୟେକ ପ୍ରଶ୍ନର ୪ଟି ( କ ) (ଖ) (ଗ) (ଘ) ବହୁବୈକଳ୍ପିକ ଉତ୍ତର ପ୍ରଦାନ କରାଯାଇଛି ।

ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରୁ ଚିହ୍ନଟ କର ।

ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

"କ"ବିଭାଗ

ନିମ୍ନଲିଖିତ ଅନୁଚ୍ଛେଦକୁ ପଢ଼ି ପ୍ରଶ୍ନ ୧-୫ପର୍ଯ୍ୟନ୍ତ ଉତ୍ତର ଦିଅ ।

ଛାତ୍ରଧର୍ମରେ ବ୍ରହ୍ମଚର୍ଯ୍ୟର ସ୍ଥାନ ଅତି ଉଚ୍ଚରେ । ନିୟମାନୁବର୍ତ୍ତିତା ବାକ୍ ସଂଯମ , ନିରାଡ଼ମ୍ବରତା, ସତ୍ୟବାଦୀତା ଓ ନୈତିକ ସାହସ ପ୍ରଭୃତି ଗୁଣଗୁଡ଼ିକ ବ୍ରହ୍ମଚର୍ଯ୍ୟର ଅଙ୍ଗ ସ୍ୱରୂପ । ସମୟର ପ୍ରତ୍ୟେକ ମୁହୂର୍ତ୍ତର ସଦ୍ ବ୍ୟବହାର ହିଁ ତାହାର ଜୀବନ ବା ଧର୍ମର ପରପୋଷକ । କେତେ ଛାତ୍ର ଯେ ଅନାବଶ୍ୟକ କ୍ରୀଡ଼ା କୌତୁକ ଅସାର ଅଥଚ ଚିତ୍ତାକର୍ଷକ କଥୋପକଥନରେ ମୂଲ୍ୟବାନ୍ ସମୟ ନଷ୍ଟ କରନ୍ତି, ତାର କଳନା ନାହିଁ । ଏହାଦ୍ୱାରା ଛାତ୍ର ଧର୍ମର ବିଶିଷ୍ଟ ଅଙ୍ଗ ଅଧ୍ୟୟନରେ ବହୁତ ଶିଥିଳତା ଆସେ ଏବଂ ତାହାରି ଫଳରେ ଛାତ୍ର ଜୀବନର ବିକାଶ ବହୁ ବାଧବିଘ୍ନର ହୁଏ । ଛାତ୍ରମାନେ ସର୍ବଦା ମନେ ରଖିବାକୁ ହେବ କୁ-ଅଭ୍ୟାସକୁ ଭାଙ୍ଗିବା ଯେତିକି କଷ୍ଟକର ଭଲ ଅଭ୍ୟାସରେ ନିଜକୁ ପରିଣତ କରିବା ତାଠାରୁ ବଳି କଷ୍ଟକର । କଠୋର ସାଧନା ଛାତ୍ରକୁ ସର୍ବଦା ଉଚ୍ଚତମ ସ୍ଥାନକୁ ନେଇ ପାରିବ । ବାକ୍ ସଂଯମ ସମ୍ପାଦନା ଛାତ୍ରଧର୍ମର ମହାନ୍ ଗୁଣ । ବ୍ୟାୟାମପୁଷ୍ଟ ସୁସ୍ଥ ସବଳ ଶରୀର ଛାତ୍ରକୁ ପ୍ରଗତି ପଥରେ ନେଇଥାଏ । ସିଦ୍ଧିଲାଭ କରିବାର ପ୍ରକୃତ ସମୟ ହିଁ ଛାତ୍ରଜୀବନ । ଶ୍ରମ ବିମୁଖତା ଆଜିକାଲି ଛାତ୍ରମାନଙ୍କୁ ବିପଥଗାମୀ କରାଉଛି । ଫଳରେ ମାନସିକସ୍ତରରେ ବିଦ୍ୟାର୍ଥୀମାନେ ରୋଗାକ୍ରାନ୍ତ ହୋଇପଡୁଛନ୍ତି । ଶରୀର ମଣିଷର ବାହନ । ସାଧନା ପଥରେ ଶରୀର ହିଁ ପରମ ଓ ଚରମ ସହାୟକ । ସ୍ୱାର୍ଥପରତା ଠାରୁ ଦୂରେଇ ରହି ଛାତ୍ର ପରୋପକାରୀ ହେବା ଉଚିତ । ମାତା-ପିତା, ଭାଇ-ଭଉଣୀ, ପ୍ରିୟପରିଜନ , ଗୁରୁଜନ ଶିକ୍ଷକଙ୍କ ପ୍ରତି ସମୁଚିତ ଭକ୍ତି ଓ ବ୍ୟବହାର ପ୍ରଦର୍ଶନ କରିବା ଛାତ୍ରର ମହନୀୟ ଲକ୍ଷଣ ।

୧.କ'ଣ ଆଜିକାଲି ଛାତ୍ରମାନଙ୍କୁ ବିପଥଗାମୀ କରାଉଛି ?

(କ) ଧର୍ମ ପରାୟଣତା (ଖ) କର୍ମପ୍ରବଣତା(ଗ) ଶ୍ରମ ବିମୁଖତା (ଘ) ସତ୍ ପରାୟଣତା

୨. କିଏ ଛାତ୍ରକୁ ପ୍ରଗତି ପଥରେ ନେଇଥାଏ ?

(କ) ବ୍ୟାୟାମପୁଷ୍ଟ ସୁସ୍ଥ ସବଳ ଶରୀର (ଖ) ମୋଟାସୋଟା ଶରୀର (ଗ) ପତଳା ଶରୀର (ଘ) ଦୁର୍ବଳ ଶରୀର

୩ . କିଏ ଛାତ୍ରକୁ ସର୍ବଦା ଉଚ୍ଚତମ ସ୍ଥାନକୁ ନେଇ ପାରିବ?

(କ) ମନ୍ଦଯୋଜନା (ଖ) ନିଷ୍ଠୁର ଆଚରଣ (ଗ) କର୍ମଯୋଜନା (ଘ) କଠୋର ସାଧନା

୪. ଛାତ୍ରଧର୍ମରେ କାହାର ସ୍ଥାନ ଅତି ଉଚ୍ଚରେ?

(କ) ପରିଗ୍ରହ (ଖ) ବ୍ରହ୍ମଚର୍ଯ୍ୟ (ଗ) ଅନୁଗ୍ରହ (ଘ) ସନ୍ନ୍ୟାସୀ

୫. ଛାତ୍ର କାହାଠାରୁ ସର୍ବଦା ଦୂରେଇ ରହିବା ଉଚିତ ?

(କ) ସ୍ୱାର୍ଥପରତା (ଖ) ପରୋପକାରିତା (ଗ) ଅଂହିସା (ଘ) ସତ୍ୟବାଦିତା

୬. 'ବୃକୋଦର' ର ଅର୍ଥ ବୁଝାଉଥିବା ଶବ୍ଦଟି କିଏ ?

(କ) ଅର୍ଜୁନ (ଖ) ନକୁଳ (ଗ) ସହଦେବ (ଘ) ଭୀମ

୭. 'ରବୟା' ଶବ୍ଦର ଅର୍ଥ କ'ଣ?

(କ) ଦୁର୍ଘଟଣା (ଖ) ଘଟଣା (ଗ) ଖରାପ (ଘ) ଅତିଭଲ

୮. 'ମିଥ୍ୟାଚାର' ଶବ୍ଦକୁ ନେଇ ସାର୍ଥକ ବାକ୍ୟଟିକୁ ଚିହ୍ନାଅ ।

(କ) ଆମେ ସବୁବେଳେ ନୁହେଁ ସତ୍ୟ ମିଥ୍ୟାଚାର ।

(ଖ) ମିଛକଥା ମିଥ୍ୟାଚାର ସବୁବେଳେ ଭଲ କଥା ।

(ଗ) ଆଦର୍ଶ ବ୍ୟକ୍ତି ମିଥ୍ୟାଚାର ଠାରୁ ଦୂରେଇ ରହନ୍ତି ।

(ଘ) ମିଥ୍ୟାଚାର ସତ୍ୟାଚାର ଭଲ ଦୁଇଟି ଯୁଗ୍ମ ଶବ୍ଦ ।

୯ . 'ଆଧିପତ୍ୟ' ଶବ୍ଦକୁ ନେଇ କେଉଁଟି ଠିକ୍ ବାକ୍ୟ?

(କ) ଦୁର୍ବଳ ଉପରେ ଆଧିପତ୍ୟ ବିସ୍ତାର କରିବା ଅନୁଚିତ ।

(ଖ) ରାଜା ସେନାପତି ଆଧିପତ୍ୟ ପାରିଧି ।

(ଗ) ଜୀବନ ମୃତ୍ୟୁ ଅନିଶ୍ଚିତ ଆଧିପତ୍ୟ ।

(ଘ) ଆଧିପତ୍ୟ ଖାଲି ଜୀବନ ଜୀବିକା ନୁହେଁ ।

୧୦ . 'କ୍ଷୁଦ୍ର' କାହାର ବିପରୀତ ଶବ୍ଦ?

(କ) ବୃହତ୍ (ଖ) ମହତ୍ (ଗ) ବିଶିଷ୍ଟ (ଘ) ଜ୍ୟେଷ୍ଠ

୧୧ . 'ହିତ' କାହାର ବିପରୀତ ଶବ୍ଦ?

(କ) ମଙ୍ଗଳ (ଖ) କଲ୍ୟାଣ (ଗ) ହିତକାରୀ (ଘ) ଅହିତ

୧୨ . କେଉଁଟି 'ଶ୍ରୁତି-ଶ୍ରୁତି' ର ଅର୍ଥ ବାଛି ଲେଖ ।

(କ) ବେଦ-ଉପନିଷଦ (ଖ) କାନ-ବେଦ (ଗ) ଶୁଣିବା-ହାତ (ଘ) କଥା-ପାଦ

୧୩. 'ମାଦକ ଦ୍ରବ୍ୟ ଏବଂ ରାତ୍ରି ଅର୍ଥ' ବୁଝାଉଥିବା ଶବ୍ଦ ଦୁଇଟିକୁ ବାଛ।

(କ) ନିଶି-ନିଶା (ଖ) ନିଶା-ନିଶା (ଗ) ନିଶ-ନିଶା (ଘ) ନୀଶା-ନିଶା

୧୪. 'ପିତା' ର ଲିଙ୍ଗ ପରିବର୍ତ୍ତନ କଲେ କ'ଣ ହେବ?

(କ) ମାତା (ଖ) ଶିଷ୍ୟା (ଗ) ଜେଜେମାତା (ଘ) ପ୍ରମାତା

୧୫. 'ଖୁଡ଼ୀ' ର ଲିଙ୍ଗ ପରିବର୍ତ୍ତନ କଲେ କ'ଣ ହେବ?

(କ) ଦେଠେଇ (ଖ) ଦଦେଇ (ଗ) ଦାଦି(ଘ) କକା

୧୬. 'କାୟା'  କାହାର ପ୍ରତିଶବ୍ଦ  ?

(କ) ମନ (ଖ) ଶରୀର (ଗ) ବିବେକ (ଘ) ଆତ୍ମା

୧୭. 'ନିରିମଳ' ର ଗଦ୍ୟରୂପ  କ'ଣ ହେବ ?

(କ) ନିର୍ମଳ  (ଖ) ନିର୍ବଳ (ଗ) ର୍ନିମଳ (ଘ) ନିର୍ମିଳ

୧୮. 'କରମ' ର ଗଦ୍ୟରୂପକୁ ବାଛ ?

(କ) କାର୍ଯ୍ୟ (ଖ) କର୍ତ୍ତବ୍ୟ (ଗ) କର୍ମ (ଘ) କ୍ରମ

୧୯. ରାମଚନ୍ଦ୍ରଙ୍କ ଶରରେ ରାବଣ  -------- ହେଲା ।

(କ) ସୁଖପ୍ରାପ୍ତ (ଖ) ଦୁଃଖପ୍ରାପ୍ତ (ଗ) ବିନାଶପ୍ରାପ୍ତ (ଘ) ଦେବପ୍ରାପ୍ତ

**"ଖ" ବିଭାଗ**

୨୦. ଶ୍ରୀକୃଷ୍ଣଙ୍କର କେଉଁ ଗୀତକୁ ମାଆ କାନ ଡେରି ଥାଆନ୍ତି ?

(କ) ଭେରୀ (ଖ) ତୁରୀ (ଗ) ବେଣୁ (ଘ) ଶଙ୍ଖ

୨୧. 'କଳାମାଣିକରେ' କବିତାଟି କାବ୍ୟର କେଉଁ ଛାନ୍ଦରୁ ଗୃହୀତ ?

(କ) ପଞ୍ଚଷଠି (ଖ) ଛଅଷଠି (ଗ) ସତଷଠି (ଘ) ସତୁରି

୨୨. କ'ଣ ନାରଖାର ଅବସ୍ଥାରେ ଠିଆ ହୋଇଛି ?

(କ) ରାଜପୁର (ଖ) ରାଣୀହଂସପୁର (ଗ) ଅନ୍ତପୁର (ଘ) ସ୍ୱର୍ଗପୁର

୨୩. ଖଣ୍ଡଗିରି କାହାର ଆବାସ ସ୍ଥଳ ପାଲଟିଛି ବୋଲି କବି କହିଛନ୍ତି ?

(କ) ଶ୍ୱାପଦକୁଳ (ଖ) ଅସୁରକୁଳ (ଗ) ପିଶାଚକୁଳ (ଘ) ଭଲ୍ଲୁକକୁଳ

୨୪. କେଉଁ ରଚନା ପାଇଁ ସାରଳା ଦାସ ବିଖ୍ୟାତ ?

(କ) ରାମାୟଣ (ଖ) ଭାଗବତ (ଗ) ହରିବଂଶ (ଘ) ମହାଭାରତ

୨୫. କେଉଁଟି କବି କୁନ୍ତଳା କୁମାରୀଙ୍କର ଉପନ୍ୟାସ ?

(କ) ଅଞ୍ଜଳି (ଖ) ଅର୍ଚ୍ଚନା (ଗ) ନଅତୁଣ୍ଡି (ଘ) ସ୍ଫୁଲିଙ୍ଗ

୨୬. କବି ଗଙ୍ଗାଧର କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(କ) ସୁଆଣ୍ଡୋ (ଖ) ବରପାଲି (ଗ) ଶ୍ରୀରାମଚନ୍ଦ୍ରପୁର (ଘ) ବାଲିଆ

୨୭. ମହାକବି ବାଲ୍ମିକୀ କେଉଁ ଭାଷାରେ ରାମାୟଣ ରଚନା କରିଥିଲେ  ?

(କ) ସଂସ୍କୃତ (ଖ) ଇଂରାଜୀ (ଗ) ବଙ୍ଗଳା (ଘ) ଓଡ଼ିଆ

୨୮. କାହାସହ ମିତ୍ରତା ସ୍ଥାପନ କରି ରାମଚନ୍ଦ୍ର ସୀତାଙ୍କ ଅନୁସନ୍ଧାନ ପାଇଁ ତାଙ୍କ ଅନୁଚରମାନଙ୍କୁ ପଠାଇଥିଲେ?

(କ) ସୁଷେଣ (ଖ) ବିଭୀଷଣ (ଗ) ସୁଗ୍ରୀବ (ଘ) ଜାମ୍ବବାନ

୨୯. ହରିହରଙ୍କ ଭଉଣୀଙ୍କ ନାମ କ'ଣ ଥିଲା ?

(କ) ନିଶା (ଖ) ମାମୁନି (ଗ) ଦିଶା (ଘ) ମୀରା

୩୦. ଉତ୍କଳ ମୌଳିକ ଶିକ୍ଷା ପରିଷଦର କେଉଁ ଦାୟିତ୍ୱରେ ହରିହର ଥିଲେ?

(କ) କୋଷାଧ୍ୟକ୍ଷ (ଖ) ସମ୍ପାଦକ (ଗ) ସହ-ସମ୍ପାଦକ (ଘ) ସଭାପତି

୩୧. ମେହେର ପ୍ରଦୀପ ପତ୍ରିକା କେଉଁଠାରୁ ପ୍ରକାଶିତ ହେଉଥିଲା ?

(କ) ସମ୍ବଲପୁର (ଖ) ବଲାଙ୍ଗୀର (ଗ) କଟକ (ଘ) ଭୁବନେଶ୍ୱର

୩୨. ନଚିକେତାଙ୍କର କେଉଁ ଭକ୍ତି ଦେଖି ଯମରାଜ ପ୍ରୀତ  ହେଲେ ?

(କ) ମାତୃଭକ୍ତି (ଖ) ପିତୃଭକ୍ତି (ଗ) ଦେବଭକ୍ତି (ଘ) ଗୁରୁଭକ୍ତି

୩୩. ବୁଢ଼ୀ ବାଡ଼ିରୁ କେତେ ଲମ୍ବର କଦଳୀପତ୍ର କାଟିଆଣିଲା ?

(କ) ହାତେ (ଖ) ଚାଖଣ୍ଡେ (ଗ) ଦେଢ଼ହାତେ (ଘ) ବେଏଁ

୩୪. ଚକୁଳିଆ ପଣ୍ଡା କାନ୍ଧରେ କ'ଣ ପକାଇ ଯାଉଥାଏ ?

(କ) ଲୁଗା (ଖ) ଯାଉଁଳି (ଗ) ଚାଦର (ଘ) ଉତ୍ତରୀୟ

୩୫. ନିମ୍ନୋକ୍ତ ମଧ୍ୟରୁ କେଉଁ କୃତିଟି ଗୋଦାବରୀଶ ମହାପାତ୍ରଙ୍କର ନୁହେଁ?

(କ) କଣ୍ଟା ଓ ଫୁଲ (ଖ) ନୀଳମାଷ୍ଟ୍ରାଣୀ (ଗ) ମୁଁ ଦିନେ ମନ୍ତ୍ରୀ ଥିଲି (ଘ) ଅମୃତଫଳ

୩୬. କ'ଣ ବଜାଇ କେତେଜଣ ଲୋକ ଆସି ପାହାଡ଼ ତଳକୁ ମାପି ଦେଇଗଲେ ?

(କ) ମୃଦଙ୍ଗ (ଖ) ତମକ (ଗ) ଢୋଲ (ଘ) ଝାଞ୍ଜ

୩୭. 'ଆନନ୍ଦ ମଠ' ଉପନ୍ୟାସ ର ରଚୟିତା କିଏ?

(କ) ବଙ୍କିମ ଚନ୍ଦ୍ର  (ଖ) ଶରତଚନ୍ଦ୍ର (ଗ) ରବୀନ୍ଦ୍ରନାଥ (ଘ) ଶ୍ରୀଅରବିନ୍ଦ

୩୮. ରମାଦେବୀ କାହାର ପତ୍ନୀ ଥିଲେ ?

(କ) ଗୋପବନ୍ଧୁ ଦାସ(ଖ)ମଧୁସୂଦନ ଦାସ(ଗ)ହରେକୃଷ୍ଣ ମହତାବ(ଘ)ଗୋପବନ୍ଧୁ ଚୌଧୁରୀ

୩୯. କେଉଁ ନାଟକ ପାଇଁ ଭାସ୍କର ଚନ୍ଦ୍ର ମହାପାତ୍ର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?

(କ) ଘାସଫୁଲ (ଖ) ପକ୍ଷୀ (ଗ) ବ୍ୟବଧାନ (ଘ) କହ୍ନାଇରେ ଫେରିଆ

୪୦.କାମଛଡ଼ା ତମେ ସ୍ନେହ-ଭକ୍ତି ,ହସ-କାନ୍ଦ,ସୁଖ-ଦୁଃଖ କିଛି ଜାଣନା? ଏ ଉକ୍ତିଟି କାହାର?

(କ) ରୂପା (ଖ) ଅଦ୍ଭୁତ ପିଲା (ଗ) ଶିଳା (ଘ) ଜୟନ୍ତୀ